## ରାଶନ ଚାଉଳ, ଗହମ ଜବତ

ଜଳେଶ୍ୱର,(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ନିର୍ବାଚନ ଅବ୍ୟବହିତ ପୂର୍ବରୁ ଜଣେ ଡିଲର ୪ ବସ୍ତା ଚାଉଳ ଓ ୩ ବସ୍ତା ଗହମ ଜଣେ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ବେଳେ ସ୍ଥାନୀୟ ଲୋକେ ଧରିଛନ୍ତି। ଏକ ଅଟୋ ଯୋଗେ ଏହି ରାଶନ ସାମଗ୍ରୀ ନିଆଯାଉଥିବା ବେଳେ ଲୋକେ ତାହାକୁ ଅଟକାଇ ଯୋଗାଣ ବିଭାଗ ଓ ପୋଲିସକୁ ଅବଗତ କରିଛନ୍ତି।

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୫୦ ହଜାର ଲୁଟ

ସୋର,୧୧।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ସୋର ଷ୍ଟେଶନଛକ ନିକଟରେ ଶୁକ୍ରବାର ଏକ ବାଇକ୍ ଡିକି ଭାଙ୍ଗି ୫୦ ହଜାର ଟଙ୍କା ଲୁଟ ହୋଇଛି। ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ କୁମ୍ଭୀ ଗ୍ରାମର ନିରଞ୍ଜନ ସାହୁ ଅପରାହ୍ନ ୩ଟା ସମୟରେ ସ୍ଥାନୀୟ କୋଅପରେଟିଭ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଣ କରି ବାଇକ୍ ଡିକିରେ ଏକ ଫାଇଲ ଭିତରେ ରଖିଥିଲେ। ସେ ଷ୍ଟେଶନଛକରେ ଜିନିଷ କିଣିବା ପାଇଁ ଏକ ଦୋକାନ ଆଗରେ ଛିଡ଼ା ହୋଇଥିବା ବେଳେ ବ୍ୟାଙ୍କ ନିକଟରୁ ତାଙ୍କୁ ଅନୁସରଣ କରୁଥିବା ୨ଯୁବକ ଡିକି ଭାଙ୍ଗି ଫାଇଲ ସହ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ସେ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଖଇରା,୧୧।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଗ୍ରାମର ବସନ୍ତ କୁମାର ମାଝୀଙ୍କୁ ସେହି ଗ୍ରାମର ୩ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ବସନ୍ତ ଶନିବାର ସକାଳେ ଘରେ କୌଣସୀ କାମରେ ବ୍ୟସ୍ତଥିବା ବେଳେ ଉକ୍ତ ଯୁବକମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ପୋଲିସ ତଦନ୍ତ ଜାରି ରଖିଛି।

### ଧଳାପଥର ବୋଝେଇ ଟ୍ରକ୍ ଜବତ

ସାରସକଣା,୧୧।୩(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ସାରସକଣା ତହସିଲଦାର ଦୁଇଟି ଧଳା ପଥର ବୋଝେଇ ଟ୍ରକ୍ ଜବତ କରିଛନ୍ତି। ସାରସକଣା ବ୍ଲକର ବିଭିନ୍ନ ଅଞ୍ଚଳରୁ କଟକ ଓ ପଶ୍ଚିମବଙ୍ଗକୁ ଧଳାପଥର ଚାଲାଣ ହେଉଥିବା ନେଇ ଦୀର୍ଘଦିନ ହେବ ଅଭିଯୋଗ ହୋଇ ଆସୁଥିଲା। ଏ ବାବଦରେ ତହସିଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ହେଁ ଏହା ଆମ ବିଭାଗର କାର୍ଯ୍ୟ ନୁହେଁ କହି ଘଟଣାକୁ ଏଡ଼ାଇ ଯାଉଥିଲେ। ତେବେ ବୁଧବାର ରାତିରେ ତହସିଲଦାର ତାଙ୍କ ଟିମ ସହିତ ଚଡ଼ାଉ କରି ଚାଲାଣ ସମୟରେ ଦୁଇଟି ଧଳାପଥର ବୋଝେଇ ଟ୍ରକ୍‌କୁ ଜବତ କରିବା ସହ ୧ଲକ୍ଷ ୬୦ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ସୂଚନା ମିଳିଛି।

### ବିଜୟ ଉତ୍ସବ ପାଳିଲା ଭାଜପା

ରୂପସା,୧୧।୩(ଡି.ଏନ.ଏ.)- ଉତ୍ତରପ୍ରଦେଶ ସମେତ ଉତ୍ତରାଖଣ୍ଡ, ମଣିପୁର ଓ ଗୋଆରେ ଭାଜପାର ବିପୁଳ ବିଜୟ ଉପଲକ୍ଷେ ବାଲେଶ୍ୱର ଜିଲା ବସ୍ତା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ମଥାନୀ କାର୍ଯ୍ୟାଳୟଠାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଭାଜପା କୃଷକ ମୋର୍ଚ୍ଚା ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଉତ୍ସବ ପାଳନ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଅମିତ ଶାହ ଓ ଯୋଗୀ ଆଦିତ୍ୟନାଥଙ୍କ ବଳିଷ୍ଠ ନେତୃତ୍ୱରେ ଦଳ ସଫଳତା ଲାଭ କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ଉତ୍ସବରେ ବସ୍ତା ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି, ଦରଡ଼ା ମଣ୍ଡଳ ସଭାପତି ବସନ୍ତ ବାରିକ, ବସ୍ତା ମଣ୍ଡଳ ସମ୍ପାଦକ ଅଭିରାମ ମଲ୍ଲିକ, ମିଡିଆ ସଂଯୋଜକ ଇଂ. ଦିବାକର ରାଉତ, ରାସବିହାରୀ ଦାସ ଅଧିକାରୀ, ଉମାକାନ୍ତ ବେଜ, ରତିକାନ୍ତ ମହାରଣା, ଅଜୟ ବେହେରା, କାଶୀନାଥ ମହାପାତ୍ର, ରବି ନାରାୟଣ ଦାସ, ବିଜୟ ଧଳଙ୍କ ସମେତ ବିଭିନ୍ନ ପଞ୍ଚାୟତର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ

କୁଆମରା,୧୧।୩(ଡି.ଏନ.ଏ.)- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ଏବଂ ଓଡ଼ିଶା ମାଇନିଂ ବିୟରିଂ ଏରିୟାଜ ଡେଭଲପମେଣ୍ଟ କର୍ପୋରେଶନ ସହାୟତାରେ କୁଶଳୀ ଶ୍ରମିକଙ୍କ ପାଇଁ ସବାଇ ଘାସ ଓ ଡୋକ୍ରା ଶିଳ୍ପର ବିକାଶ ଓ ବିବିଧକରଣ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁନଗର ବ୍ଲକର ରାଣୀବନ୍ଧଠାରେ ୫୦ ଜଣ ମହିଳାଙ୍କୁ ଡୋକ୍ରା ଶିଳ୍ପର (କଂସା ପିତ୍ତଳ) ବିକାଶ ବିବିଧକରଣ ଉପରେ ତାଲିମ ଦିଆଯାଇ ଥିଲା। ଦେବାଶିଷ ରାୟ ଓ ମୃତ୍ୟୁଞ୍ଜୟ କୁମାର ପ୍ରଶିକ୍ଷଣ ଦେଇଥିଲେ। ପ୍ରକଳ୍ପ ଟିମ୍ ଲିଡର ଶ୍ୱେତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କୁଶଳୀ ଶ୍ରମିକମାନେ ଲାଭବାନ ହେବା ସହ କିପରି ଆତ୍ମନିର୍ଭରଶୀଳ ହୋଇ ପାରିବେ ତାହା ଉପରେ ଆଲୋକପାତ କରିଥିଲେ। ଚିନ୍ତାମଣି ମହାପାତ୍ର, ଶିବପ୍ରସାଦ ପାତ୍ର, ବୁଧୁରାମ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୦ରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ତାଲିମ ନେଇଥିଲେ।

# ପ୍ରାର୍ଥୀଙ୍କ ପ୍ରତିଶ୍ରୁତି ଉପରେ ନାହିଁ ଭରସା

■ସମସ୍ୟା ବହୁଳ ୧୫ନଂ. ୱାର୍ଡ
■ଆଶୁ ସମାଧାନ ପାଇଁ ଉଠୁଛି ସ୍ୱର

ବାଲେଶ୍ୱର ଅଫିସ,୧୧।୩
(ମାନସ ବିଶ୍ୱାଳ)


ପଙ୍କରେ ଭର୍ତ୍ତି ଚନ୍ଦ୍ରାଗଡ଼ି ପୋଖରୀ।

ବାଲେଶ୍ୱର ପୌରପାଳିକାରେ ଆସନ୍ତା ୨୪ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଘର ଘର ବୁଲି ପ୍ରଚାର ଜାରି ରଖିଛନ୍ତି। ୱାର୍ଡର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ସମସ୍ୟା ବହୁଳ ୧୫ ନଂ. ୱାର୍ଡ଼ର ଭୋଟରମାନେ ପ୍ରାର୍ଥୀଙ୍କ ପ୍ରତିଶ୍ରୁତି ଉପରେ ଭରସା ନ କରି ଆଶୁ ସମାଧାନ ପାଇଁ ସ୍ୱର ଉଠାଇଛନ୍ତି। ଏନେଇ ପ୍ରାର୍ଥୀମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି।

ପୌରପାଳିକାର ୧୫ନଂ. ୱାର୍ଡଟି ଆଜିମାବାଦ, ଜିସି ପଟ୍ଟନାୟକ ରୋଡ୍‌ର ଆଂଶିକ ଓ ମଲିକାଶପୁର ପ୍ରଭୃତି ଅଞ୍ଚଳକୁ ନେଇ ଗଠିତ। ଏଥିରେ ୨୯୬ଟି ପରିବାର ରହୁଥିବା ବେଳେ ୧,୦୬୯ ପୁରୁଷ ଭୋଟର ଓ ୧,୦୯୮ ମହିଳା ଭୋଟରଙ୍କୁ ମିଶାଇ ମୋଟ୍ ୨ହଜାର ୧୬୭ ଭୋଟର ରହିଛନ୍ତି। ସହରର ପ୍ରମୁଖ ଅଞ୍ଚଳରେ ଏହି ୱାର୍ଡଟି ଅବସ୍ଥିତ ଥିଲେ ମଧ୍ୟ ସବୁଠାରୁ ବଡ଼ ସମସ୍ୟା ହେଉଛି ୱାର୍ଡ ମଝିରେ ଥିବା ଚନ୍ଦ୍ରାଗଡ଼ି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ସହ ନାଳ, ନର୍ଦ୍ଦମା ସଫେଇ। ଏହି ପୋଖରୀର ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପୌରପାଳିକା ପକ୍ଷରୁ ଆବଶ୍ୟକ ଅନୁଦାନ ମଞ୍ଜୁର ସହ ପ୍ରାୟ ୪ବର୍ଷ ପୂର୍ବରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଠିକାଦାରଙ୍କ ମନମୁଖୀ କାର୍ଯ୍ୟଧାରା ଓ ସ୍ଥାନୀୟ ରାଜନୀତିକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହେବାରୁ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ ପାଇଁ ଏହି ପୋଖରୀ ଉପରେ ଲୋକେ ନିର୍ଭର କରିଆସୁଥିଲେ। ବିଶେଷ କରି ଦୀର୍ଘ ବର୍ଷ ଧରି ଏହି ପୋଖରୀରେ ହୋଇଆସୁଥିବା ଚନ୍ଦନ ଯାତ୍ରା ମଧ୍ୟ ବନ୍ଦ ହୋଇଯାଇଛି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା, ଏହି ପୋଖରୀ କୂଳରେ ଏକ ମନ୍ଦିର ଥିବାବେଳେ ପୂଜା ପାଇଁ ଲୋକେ ପାଇପ୍ ପାଣି କିମ୍ବା ହାତମୋଡ଼ା ନଳକୂପ ଉପରେ ନିର୍ଭର କରୁଛନ୍ତି। ଅନ୍ୟପକ୍ଷରେ ଏହି ୱାର୍ଡରେ ଅଳିଆ ପକାଇବା ପାଇଁ ବ୍ୟବସ୍ଥା ନ ଥିବାରୁ ଲୋକେ ରାସ୍ତା ପାର୍ଶ୍ୱରେ ପକାଉଛନ୍ତି। ସପ୍ତାହରେ ଥରେ ପୌରପାଳିକା ଟ୍ରାକ୍ଟର ଆସି ଏହାକୁ ଉଠାଇଥାଏ। ସବୁଠରୁ ବଡ଼ କଥା ହେଲା, ଏହି ୱାର୍ଡର ଅଧିକାଂଶ ଅଞ୍ଚଳରେ ପକ୍କା ନାଳ ହୋଇଥିଲେ ବି ଏହାକୁ ଦୀର୍ଘ ବର୍ଷ ଧରି ସଫେଇ କରାଯାଇ ନାହିଁ। ନାଳ ପୋତି ହୋଇ ପଡ଼ିବା କାରଣରୁ ସାମାନ୍ୟ ବର୍ଷାରେ ବି ନର୍ଦ୍ଦମା ପାଣି ରାସ୍ତାରେ ଚାଲିଥାଏ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ୱାର୍ଡର ବହୁ ଗରିବ ପରିବାର ଓ ବୟସ୍କ ବ୍ୟକ୍ତି ଭତ୍ତା ତଥା ଆବାସ ପାଇଁ ଆବେଦନ କରିଥିଲେ ବି ସେମାନଙ୍କୁ ମିଳୁନାହିଁ। ଏସବୁ ସମସ୍ୟାକୁ ନେଇ ପ୍ରାର୍ଥୀମାନେ ପ୍ରଚାର ସମୟରେ ଅଡୁଆରେ ପଡୁଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୨୦୧୩ ନିର୍ବାଚନରେ ଏହି ୱାର୍ଡର କାଉନ୍‌ସିଲର ପଦ ଅଣସଂରକ୍ଷିତ ଥିବା ବେଳେ ୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିଲେ। ସେତେବେଳର ୨୨୪୨ ମତଦାତାଙ୍କ ମଧ୍ୟରୁ ୧୩୨୯ ଜଣ ମତଦାନ କରିଥିଲେ। ସ୍ୱାଧୀନ ପ୍ରାର୍ଥୀ ଉପେନ୍ଦ୍ର ଶତପଥୀ ୫୫୯ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଥିଲେ। ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାହୁ ୫୨୨ ଖଣ୍ଡ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ।

# ପୂର୍ବତନ ଅଧ୍ୟକ୍ଷଙ୍କୁ ଆକ୍ରମଣ

ଆନନ୍ଦପୁର,୧୧।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାଶଙ୍କୁ ଜଣେ ବହିଷ୍କୃତ ମହିଳା ଲ୍ୟାବ ଆଟେଣ୍ଡାଣ୍ଟ ଶୁକ୍ରବାର ଆକ୍ରମଣ କରିଛନ୍ତି। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲୀପ କୁମାର ଦାଶଙ୍କ ଅଭିଯୋଗ କ୍ରମେ ଆନନ୍ଦପୁର ଥାନାରେ ଏକ ମାମଲା (ନଂ.୬୧/୨୦୨୨) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, କରୋନା ସମୟରେ ଗତ ବର୍ଷ ଜୁନ୍‌ରେ ଚୁକ୍ତିଭିତ୍ତିକ ଦାୟିତ୍ୱରେ ଥିବା ଉକ୍ତ ମହିଳା ଲ୍ୟାବ ଆଟେଣ୍ଡାଣ୍ଟଙ୍କୁ ବହିଷ୍କୃତ କରାଯାଇଥିଲା। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦାଶ ଶୁକ୍ରବାର ମହାବିଦ୍ୟାଳୟରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେବାକୁ ଆସିଥିଲେ। ପୂର୍ବ ଆକ୍ରୋଶ ରଖି ବହିଷ୍କୃତ ଆଟେଣ୍ଡାଣ୍ଟ ପହଞ୍ଚି ତାଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଏପରିକି ପର୍ସରେ ରଖିଥିବା ପଥର ତାଙ୍କ ଗାଡି ଉପରକୁ ଫିଙ୍ଗି ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ମହାବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା।

# ସରିଲା ନାଏବ ସରପଞ୍ଚ ନିର୍ବାଚନ


ସମର୍ଥକଙ୍କ ଗହଣରେ ସାରକୋଣା ପଞ୍ଚାୟତର ନାଏବ ସରପଞ୍ଚ ସତ୍ୟଭାମା ବେହେରା ଓ ସରପଞ୍ଚ ସୁଶାନ୍ତ ନାୟକ।

ଖଇରା,୧୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୩୭ ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ୨୨ ପଞ୍ଚାୟତରେ ନାଏବ ସରପଞ୍ଚମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୧୫ପଞ୍ଚାୟତରେ ଏଥିପାଇଁ ଭୋଟିଂ କରାଯାଇଥିଲା। ସାରକୋଣାରେ ସତ୍ୟଭାମା ବେହେରା, ସାରୁଗାଁରେ ମଞ୍ଜୁଲତା ଦକ୍ଷିଣରାୟ, ନନ୍ଦୁରରେ ଅନାଦି ଧଡା, ଶ୍ୟାମସୁନ୍ଦରପୁରରେ ସଞ୍ଜିତା ପାଲ ପ୍ରମୁଖ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବା ପରେ ବିଜେଡି ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାର ସାମିଲ ହୋଇଥିଲେ। ଅନ୍ୟପକ୍ଷେ ଶନିବାର ଖଇରା ପଞ୍ଚାୟତ ସମିତିର ଅଧ୍ୟକ୍ଷ ପଦ ଲାଗି ନିର୍ବାଚନ ଥିବା ବେଳେ ଫଳାଫଳ ଜାଣିବାକୁ ସମଗ୍ର ବାଲେଶ୍ୱର ଜିଲାବାସୀ ଉତ୍ସୁକତାର ସହ ଚାହିଁ ବସିଛନ୍ତି। ଅସନ୍ତୁଷ୍ଟ ବିଜେଡି କୁହାଯାଉଥିବା ପଳସା ସମିତି ସଭ୍ୟା ଅଭିଲିପ୍ସା ସାହୁ ଭାଜପା

**ଅଧ୍ୟକ୍ଷ ପଦ ଉପରେ ନଜର**

ରାଜ୍ୟ ସଭାପତି ସମିର ମହାନ୍ତିଙ୍କ ଉପସ୍ଥିତିରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ଦଳରେ ଯୋଗ ଦେବା ପରେ ଉଭୟ ବିଜେଡି ଓ ଭାଜପା ସମର୍ଥୀତ ସମିତି ସଭ୍ୟଙ୍କ ସଂଖ୍ୟା ୧୮ ରହିଛି। ମ୍ୟାଜିକ ନମ୍ବର ୧୯ ଛୁଇଁବାକୁ ଉଭୟ ଦଳ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ବେଳେ ନୟାଖଣ୍ଡି ପଞ୍ଚାୟତରେ ବିଜୟୀ ହୋଇଥିବା ଅସନ୍ତୁଷ୍ଟ ବିଜେଡିର ସୁନେଲି ଶତପଥୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଉଭୟ ଗୋଷ୍ଠୀ ତାଙ୍କୁ ନିଜ ସପକ୍ଷକୁ ନେବାକୁ ଚେଷ୍ଟା ଚଳାଇଛନ୍ତି। ଗୋଟିଏ ପଟେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣୀଗ୍ରାହୀ ଅଧ୍ୟକ୍ଷ ପଦବୀରେ ବିଜେଡି ସମର୍ଥିତ ସମିତିସଭ୍ୟଙ୍କୁ ବସାଇବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରୁଥିବା ବେଳେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ସୁଯୋଗକୁ ହାତ ଛଡ଼ା କରିବାକୁ ଚାହୁଁ ନ ଥିବା ସୂଚନା ମିଳିଛି।

# ଭଞ୍ଜମାଟିର ଐତିହ୍ୟ ବଖାଣିବ ଜ୍ୟୋତିରଥ



ଜ୍ୟୋତିରଥ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

ବାରିପଦା ଅଫିସ,୧୧।୩

ମୟୂରଭଞ୍ଜ ଜିଲା ଭଞ୍ଜମାଟିର ଗାରିମାମୟ ଐତିହ୍ୟ ସମ୍ପର୍କରେ ଉତ୍ତରପିଢ଼ିଙ୍କୁ ସଚେତନ କରିବା ପାଇଁ ଶୁକ୍ରବାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜ୍ୟୋତିରଥ ଜିଲା ପରିକ୍ରମା ଆରମ୍ଭ ହୋଇଛି। ୬ଷ୍ଠ ବାର୍ଷିକୀ ବଳାଙ୍ଗୀ ମହୋତ୍ସବ ପରିଚାଳନା କମିଟିର ଯୁବଶାଖା ବଳାଙ୍ଗୀ ସେନା ଆନୁକୂଲ୍ୟରେ ଏକ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଜିଲାର କଳା, ସଂସ୍କୃତି, ସାହିତ୍ୟ, ପର୍ଯ୍ୟଟନ ଓ ଐତିହ୍ୟର ସୁରକ୍ଷା ସହ ବିକାଶ ନେଇ ସମଗ୍ର ଜିଲା ପରିକ୍ରମା କରିବା ସହ ଭାଇଚାରା ପରମ୍ପରାକୁ ସୁଦୃଢ଼ କରିବାକୁ ପ୍ରୟାସ ଜାରି ରହିଛି।

ପ୍ରାରମ୍ଭରେ ମହାରାଜାଙ୍କ ସମାଧି ପୀଠ ରାଣୀବାଗରୁ ଏହି ଶୁଭଜ୍ୟୋତି ପ୍ରଜ୍ୱଳିତ ହୋଇ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ଖବରଦାତା ବିଜୟ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ବୀଣା ଦାଶ, ପଣ୍ଡିତ ଭାଗବତ ପଣ୍ଡା, ଯୋଗେଶ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ରଥ ତିନିଦିନ ଧରି ଜିଲାର କୋଣାନୁକୋଣ ପରିକ୍ରମା କରିବାକୁ ଥିବାବେଳେ ଆସନ୍ତା ୧୩ ତାରିଖରେ ବାରିପଦାରେ ପହଞ୍ଚିବ। ଦୀପକ କୁମାର ନାୟକ ଏହାକୁ ପରିଚାଳନା କରୁଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ସୈନିକ ସାମିଲ ହୋଇଛନ୍ତି।

# କବିତା ଲିଖନ, ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତା

କୁଳିଅଣା,୧୧।୩(ଡି.ଏନ.ଏ.)

ବରିଷ୍ଠ ସାରସ୍ୱତ ସାଧକ କବି ଡ.ନୀଳକଣ୍ଠ ମିଶ୍ରଙ୍କ ୭୬ତମ ଜନ୍ମଦିବସ ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ବାଇଗଣବାଡ଼ିଆ ସ୍ଥିତ ଉତ୍କଳମଣି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବିତା ଲିଖନ ଓ ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡ.ନୀଳକଣ୍ଠ ମିଶ୍ର ଫାଉଣ୍ଡେସନର ସଭାପତି ଡ.ସରୋଜ ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଡ.ମିଶ୍ରଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସବିତା ପାଲ, ରଶ୍ମିତା ଦାସ, ଜୟନ୍ତ ଦାସ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଦେବସ୍ମିତା ମିଶ୍ର, ଆରତୀ ବେହେରା, ଦୀପିକା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ନେହଶିଷ ବେଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସାରେ ଅର୍ଥ ବାଧକ

ଚମ୍ପୁଆ, ୧୧।୩(ଡି.ଏନ୍.ଏ.)

**ଅସ୍ୱାଭାବିକ ଭାବେ ଫୁଲୁଛି ଗୋଡ଼**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜାମୁଦଳକ ପଞ୍ଚାୟତର ମଙ୍ଗଳପୁର ମୁଣ୍ଡା ସାହିରେ ସୋନୁ ମୁଣ୍ଡା ନାମକ ଜଣେ ବ୍ୟକ୍ତି ଅର୍ଥ ଅଭାବରୁ ଚିକିତ୍ସିତ ହୋଇପାରୁ ନାହାନ୍ତି। ଅସ୍ୱାଭାବିକ ଭାବେ ତାଙ୍କର ଦୁଇ ଗୋଡ଼ ଫୁଲିଥିବାରୁ ଦୁଶ୍ଚିନ୍ତାରେ ଦିନ କାଟୁଛନ୍ତି। ଦୀର୍ଘ ୫ ବର୍ଷ ଧରି ଦୁଇ ଆଶାବାଡି ସାହାରାରେ ଚଳପ୍ରଚଳ କରୁଥିବା ସୋନୁ ଏବେ ଚମ୍ପୁଆ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ୨୦୧୨ ମସିହାରେ ସୋନୁଙ୍କୁ ଏକ ଷଣ୍ଢ ଆକ୍ରମଣ କରିବାରୁ ତାଙ୍କ ଡାହାଣ ଗୋଡଟି ଭାଙ୍ଗିଯାଇ ଥିଲା। ଅଭାବୀ ପରିବାର ଯୋଗୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସେ ଚିକିତ୍ସିତ ହୋଇଥିଲେ। କିନ୍ତୁ ପ୍ରାୟ ୫ ବର୍ଷ ହେବ ଗୋଡ଼ଟି ଧିରେ ଧିରେ ଫୁଲି ଯାଇଛି। ଚଲାବୁଲାର ସମସ୍ୟା ପାଇଁ ସେ ଆଶାବାଡିକୁ ସାହାରା କରୁଥିଲେ ମଧ୍ୟ ଅସ୍ୱାଭାବିକ ଭାବେ ବଢୁଥିବା ଦୁଇ ଗୋଡକୁ ଧରି ଚାଲିବାକୁ ଅକ୍ଷମ ହୋଇଛନ୍ତି। ବର୍ତ୍ତମାନ ଉକ୍ତ ଦୁଇ ଗୋଡରେ ଘା’ ହେବାକୁ ଆରମ୍ଭ ହେବାରୁ ଯନ୍ତ୍ରଣା ବଢିବାରେ ଲାଗିଛି। ସୋନୁଙ୍କୁ ଉନ୍ନତ ଚିକିତ୍ସାଦେବା ନିତାନ୍ତ ଜରୁରୀ ହୋଇ ପଡିଥିବା ବେଳେ ଉପଖଣ୍ଡ ଚିକିତ୍ସା ଅଧିକାରୀ କହିଛନ୍ତି, ସୋନୁର ଗୋଡରେ ହୋଇଥିବା ଘା’ ଚମ୍ପୁଆରେ ଭଲ ହୋଇ ପାରିବ ମାତ୍ର ଫୁଲୁଥିବା ଗୋଡ ପାଇଁ ଉନ୍ନତ ଚିକିତ୍ସାର ଆବଶ୍ୟକତା ଅଛି।

# ବିରୋଧୀ ସକ୍ରିୟ, ବିଦ୍ରୋହୀ ମାଲ ମାଲ

**ଭଦ୍ରକ ପୌର ନିର୍ବାଚନ**

ଭଦ୍ରକ ଅଫିସ, ୧୧।୩

ଭଦ୍ରକ ପୌରାଧ୍ୟକ୍ଷା ପଦ ପାଇଁ ଏବେ ୭ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୌରପାଳିକାର ୪ ନଂ. ୱାର୍ଡ ନିର୍ବାଚନ କୋର୍ଟରେ ବିଚାରାଧୀନ ଥିବାରୁ ଅନ୍ୟ ୨୯ ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ଦଳ ପକ୍ଷରୁ ରଣକୌଶଳ ପ୍ରସ୍ତୁତ ସରିଛି। ପ୍ରାର୍ଥୀମାନେ ଘର ଘର ବୁଲି ଭୋଟରଙ୍କୁ ମନାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ପୌରାଧ୍ୟକ୍ଷ ପଦବୀ ସିଧାସଳଖ ନିର୍ବାଚନ ହେଉଥିବା ଓ ଏହା ସାଧାରଣ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ଚଳିତ ନିର୍ବାଚନ ସବୁ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

ଜଗନ୍ନାଥପୁରର ଜଣାଶୁଣା ସାମାଜିକ କର୍ମୀ ଅଞ୍ଜନା ମିଶ୍ର ନାମାଙ୍କନ ଦାଖଲ କରିଥିବା ବେଳେ ବାଲିଓରଡ଼ାର ସବ୍‌ନା ପରୱିନ, କୁଆଁସର ଅମିତାବାଳା ଆଚାର୍ଯ୍ୟ, ଚରମ୍ପା ଅଞ୍ଚଳର ସମିତା ମିଶ୍ର, ନରିପୁରର ଗୀତାଞ୍ଜଳି ପଢ଼ିଆରୀ, ମିର୍ଜାପୁରର ଗୁଲମକୀ ଦଲାୱାଜି, ମିର୍ଜାପୁରର ତହିଦ ତବସୁମ ନିର୍ବାଚନ ଲଢ଼ିବେ। ଏମାନଙ୍କ ମଧ୍ୟରୁ ସମିତା ବିଜେଡି ପକ୍ଷରୁ ନାମାଙ୍କନ ଦାଖଲ କରିଥିବା ବେଳେ ନିକଟରେ ବିଜେଡି ଛାଡ଼ି କଂଗ୍ରେସରେ ମିଶିଥିବା ଅମିତା ପ୍ରଚାର ଆରମ୍ଭ କରିଛନ୍ତି। ସେହିଭଳି ଭାଜପା ପକ୍ଷରୁ ଗୀତାଞ୍ଜଳି ପ୍ରାର୍ଥୀ ହୋଇଥିବା ବେଳେ ନିକଟରେ ବିଜେଡିରୁ ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ବିଦ୍ରୋହୀ ହୋଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ପୁରୁଣାବଜାର ଅଞ୍ଚଳର ଗୁଲମକୀ ଦଲାୱାଜି। ଏଣୁ ବିଜେଡି ପାଇଁ ସ୍ୱାଧୀନ ପ୍ରାର୍ଥୀ ଅଡୁଆ ସୃଷ୍ଟି କରିବେ ବୋଲି ସହରର ସଚେତନ ଭୋଟରମାନେ ପ୍ରତିକ୍ରିୟା ରଖିଛନ୍ତି। ଯଦିଓ ପୌରପାଳିକା ବିଜେଡି ଦଖଲରେ ରହିଥିଲା କିନ୍ତୁ ଚଳିତ ନିର୍ବାଚନରେ ପୌରାଧ୍ୟକ୍ଷ ପଦବୀ ହାତେଇବା ପାଇଁ ବିଦ୍ରୋହୀମାନେ ମାଲ ମାଲ ହେଉଥିବାରୁ ଏହା ବିଭିନ୍ନ ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି।

# ‘ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦିଆଯିବ’

ଭଦ୍ରକ ଅଫିସ, ୧୧।୩

ଭଦ୍ରକ ପୁରୁଣାବଜାର ସ୍ଥିତ ମଲ୍ଲିକ ମଇଦାନରେ ଗୁରୁବାର ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସେକ୍ ନାସିରୁଦ୍ଦିନ ଏଥିରେ ସଭାପତିତ୍ୱ କରିଥିଲେ। ଭଦ୍ରକ ପୌରାଧ୍ୟକ୍ଷା ପଦ ପାଇଁ ସ୍ୱାଧୀନ ଭାବେ ଛିଡ଼ା ହୋଇଥିବା ଗୁଲମକୀ ହବିବ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୁରୁଣାବଜାର ଅଞ୍ଚଳର ବିକାଶ ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଥିଲେ। କେବଳ ପୁରୁଣାବଜାର ନୁହେଁ, ସମଗ୍ର ୩୦ ୱାର୍ଡବାସୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବିଜେଡି କେବଳ ପ୍ରତିଶ୍ରୁତି ଦେଉଥିବା ଓ ପୌର ନିର୍ବାଚନରେ ପୁରୁଣାବଜାର ଅଞ୍ଚଳବାସୀ ଏହାର ଉଚିତ୍ ଜବାବ ଦେବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାହିଦ ହବିବ୍, ଲକ୍ଷ୍ମୀ ମହାପାତ୍ର, ନାସିରୁଦ୍ଦିନ ଖାନ୍, ନୁର ମୁଜାସମ୍, ବିକାଶ ନାଥ, ସତ୍ୟବ୍ରତ ରାଉତ, ରବି ତନୟା ପ୍ରମୁଖ ସଭାରେ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ଅତିଥି।

# ଅଧ୍ୟକ୍ଷ ପଦବୀକୁ ନେଇ ଛକାପଞ୍ଝା

ଜଳେଶ୍ୱର,୧୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ଲାଗି ଶାସକ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ବିଜେଡି ସମର୍ଥିତ ସମିତି ସଦସ୍ୟମାନେ ଅଜ୍ଞାତବାସରେ ରହିଛନ୍ତି। ଚଳିତ ନିର୍ବାଚନରେ କଂଗ୍ରେସ ସମର୍ଥିତ ୪ ସଦସ୍ୟ, ଭାଜପାର ୬, ସ୍ୱାଧୀନ ସଦସ୍ୟ ୨ଜଣ ଓ ବିଜେଡି ସମର୍ଥିତ ୨୨ ସମିତିସଭ୍ୟ ନିର୍ବାଚିତ ହୋଇଛନ୍ତି। ଉପାଧ୍ୟକ୍ଷ ଥିବା ବ୍ରଜମୋହନ ପ୍ରଧାନ ଚଳିତ ନିର୍ବାଚନରେ ୨ଟି ପଞ୍ଚାୟତରୁ ସମିତି ସଦସ୍ୟଭାବେ ବିଜୟୀ ହୋଇଥିବାରୁ ନିର୍ବାଚନରେ ୩୫ ବଦଳରେ ୩୪ଟି ଗ୍ରହଣ କରାଯିବ। ବିଜେଡିର ଆଗଧାଡ଼ିର ନେତା ତଥା ବିଧାୟକଙ୍କ ସମର୍ଥକ ମାନସ ଜେନା ବ୍ଲକ ଅଧ୍ୟକ୍ଷ ହେବେ ବୋଲି କୁହାଯାଉଛି। ମାତ୍ର ବିଜେଡିର ବ୍ରଜମୋହନ ପ୍ରଧାନ ନିଜ ଚକ୍ରବ୍ୟୁହ ମଧ୍ୟରେ ଆବଶ୍ୟକ ସମର୍ଥକ ଯୋଗାଡ କରି ଜିତିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କଂଗ୍ରେସ, ଭାଜପା ସମର୍ଥିତ ଓ ସ୍ୱାଧୀନ ସଦସ୍ୟଙ୍କୁ ନେଇ ଉଭୟ ଅଙ୍କ କଷୁ ଥିବା ଜଣାପଡ଼ିଛି।

# ସମିତି କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ

**ଧାନ ବିକ୍ରି କରିପାରୁନାହାନ୍ତି ଚାଷୀ**

ରୂପ୍‌ସା,୧୧।୩(ଡି.ଏନ.ଏ.)


ସମିତି ସମ୍ମୁଖରେ ଆନ୍ଦୋଳନରତ ଚାଷୀ।

ବାଲେଶ୍ୱର ସଦର ବ୍ଲକ ଅଧୀନ କସିପଦା ସେବା ସମବାୟ ସମିତିରେ ଚାଷୀ ଉତ୍ତେଜନା ଦେଖାଦେଇଛି। ଶତାଧିକ ଚାଷୀ ଏଯାବତ୍ ସମିତିରେ ଖରିଫ ଧାନ ବିକ୍ରି କରିପାରୁ ନାହାନ୍ତି। ଏନେଇ ଗୁରୁବାରଠାରୁ କଂଗ୍ରେସ ପକ୍ଷରୁ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଉଛି। ଲାପ୍ସ ହୋଇଥିବା ଟୋକନକୁ କାର୍ଯ୍ୟକ୍ଷମ କରାଯିବା, ଅବଶିଷ୍ଟ ଚାଷୀଙ୍କ ପାଇଁ ଟାର୍ଗେଟ ନ ଆସିଲେ ରାସ୍ତାରୋକ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ସମିତିରେ ୧୦୪୩ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ତଦନୁଯାୟୀ ଚାଷୀଙ୍କୁ ଟୋକନ ମିଳିଥିଲା। ୬୧୭ଜଣ ଚାଷୀ ଧାନ ବିକ୍ରି କରିସାରିବା ପରେ ଆଉ ଟାର୍ଗେଟ ନ ଥିବାରୁ ୪୨୬ଜଣ ଚାଷୀ ଧାନ ବିକ୍ରି କରିପାରି ନ ଥିଲେ। ଏଯାବତ୍ ଶହେରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଲାପ୍ସ ହୋଇଗଲାଣି। ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରି କଂଗ୍ରେସ ନେତା ମନୋରଞ୍ଜନ ନାୟକ, ଶଶଧର ମହାପାତ୍ର, ସୁବାସ ପାତ୍ର, ନିଲୁ ପ୍ରଧାନ, ଶ୍ରୀକାନ୍ତ ମହାଳିକ, ଶରତ ରାଉଳ, ରବି ସେନାପତି, ଗୋକୁଳ ବରଙ୍କ ସମେତ ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଅପରପକ୍ଷେ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ସମିତି ସମ୍ପାଦକଙ୍କ ସହ ଏକ ପ୍ରତିନିଧି ଦଳ ଜିଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

## ସଂକ୍ଷେପରେ

### ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ

ଖଇରା,୧୧।୩(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଅମ୍ବିକା ମନ୍ଦିର ପରିସରରେ ଗୁରୁବାର ଜୟ ଜଗନ୍ନାଥ ଓଡ଼ିଶା ଡ୍ରାଇଭର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁପାରୀ ଆଡମିନି ମୃତ୍ୟୁଞ୍ଜୟ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ସଂଘର ଉପଦେଷ୍ଟା ସୁରେନ୍ଦ୍ର ପ୍ରସାଦ ଦାସ, ପର୍ଶୁରାମ ବେହେରା ଓ ଖଇରା ଆଡମିନି ସହଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗାଡ଼ି ଚଳାଇବା ବେଳେ ସଂଘ ସଦସ୍ୟମାନେ ମଦ୍ୟପାନଠାରୁ ଦୂରେଇ ରହିବା, ଏକତା ହିଁ ବଳକୁ ମର୍ମେ ମର୍ମେ ପାଳନ କରି ସଂଘ ଶକ୍ତିକୁ ମଜବୁତ୍ କରିବାକୁ ଚେଷ୍ଟା କରିବା, ପଞ୍ଚୁପାଣ୍ଡବ ଭାବେ ପରିଚିତ ଅଧିକାରୀଙ୍କ ଆଦେଶ ପାଳନ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ଆଡମିନି ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର,୧୧।୩ (ଡି.ଏନ.ଏ)-ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଦୁଇ ପୂର୍ବତନ ବିଭାଗୀୟ ମୁଖ୍ୟ ଅଧକ୍ଷ ସୁରଞ୍ଜନ ପଣ୍ଡା ଓ ପ୍ରାଧାପକ ଗୋପାଳ ଚନ୍ଦ୍ର ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଭାଗ ସଭାଗୃହରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ପବିତ୍ର ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଅର୍ଥନୀତି ବିଭାଗ ଅଧାପିକା ସ୍ୱର୍ଣ୍ଣପ୍ରଭା ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧାପକ ପ୍ରଦୀପ କୁମାର ରାୟ ଏବଂ ପ୍ରକାଶ ଚନ୍ଦ୍ର ମହାପାତ୍ର ମାନପତ୍ର ପାଠ କରିଥିଲେ। ଛାତ୍ରୀ ଅନୁଜା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବକଙ୍କ ମୃତଦେହ ଜବତ

ସୋର,୧୧।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସବିରା ପଞ୍ଚାୟତ ଧଅଳି ଗ୍ରାମ ରାସ୍ତା ପାର୍ଶ୍ୱରୁ ଶୁକ୍ରବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତଦେହଟି ଏକ ଆମ୍ବ ଗଛରେ ଝୁଲୁଥିଲା। ମୃତକଙ୍କ ପରିଚୟ ଜଣା ପଡ଼ି ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

### ଜିଲାସ୍ତରୀୟ ନିଯୁକ୍ତିମେଳା

କେନ୍ଦୁଝର, ୧୧।୩(ଡି.ଏନ୍.ଏ.): କେନ୍ଦୁଝର ଜିଲା ପ୍ରଶାସନ ଏବଂ ଓଡିଶା ଦକ୍ଷତା ବିକାଶ ପ୍ରାଧୀକରଣଙ୍କ ମିଳିତ ଆନୁକୂଲ୍ୟରେ ବୁଧବାର କେନ୍ଦୁଝର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଡିପ୍ଲୋ, ପରିସରରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ୨୫ଗୋଟି ଘରୋଇ ନିଯୁକ୍ତି ସଂସ୍ଥା ଅଂଶଗ୍ରହଣ କରିଥିଲେ। ଏଥିରେ ୧୫୩୭ ଜଣ ନିଯୁକ୍ତି ଆଶାୟୀ ଯୁବତୀଯୁବକ ନାମ ପଞ୍ଜିକରଣ କରିଥିଲେ। ତନ୍ମଧ୍ୟରୁ ୮୧୫ ଜଣ ନିଯୁକ୍ତି ଆଶାୟୀ ଯୁବତୀଯୁବକଙ୍କୁ ନିଯୁକ୍ତି ନିମନ୍ତେ ପ୍ରାକ୍ ଚୟନ କରାଯାଇଥିଲା। ଜିଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ଉକ୍ତ ନିଯୁକ୍ତି ମେଳାକୁ ପରିଚାଳନା କରିଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟ ତଥା ଆଦର୍ଶ ବୃତ୍ତି ଚୟନ କେନ୍ଦ୍ରର କର୍ମକର୍ତ୍ତାମାନେ ଉକ୍ତ ନିଯୁକ୍ତି ମେଳାର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ଚଞ୍ଚକତା କରି ନାଏବ ସରପଞ୍ଚ ଜିତାଇବାକୁ ଉଦ୍ୟମ

**ବାଲେଶ୍ୱର ଅଫିସ,୧୧।୩**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଚଷାଖଣ୍ଡ ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ପାଇଁ ନିର୍ବାଚନ ହୋଇଥିଲା। ରେମୁଣା ବ୍ଲକର ୱେଲଫେୟାର ଅଫିସର ନିରଞ୍ଜନ ବେହେରା ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱରେ ଥିଲେ। ତେବେ ଚଞ୍ଚକତା କରି ନାଏବ ସରପଞ୍ଚଙ୍କୁ ଜିତାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଚେଷ୍ଟା କରୁଥିବା ବେଳେ ପ୍ରତିବାଦ ଓ ଧାରଣା ପରେ ନିର୍ବାଚନ ଅଧିକାରୀ ବାଧ ହୋଇ ବିଜେତାଙ୍କ ନାମ ଘୋଷଣା କରିଥିଲେ।

୧୫ ୱାର୍ଡ ବିଶିଷ୍ଟ ଚଷାଖଣ୍ଡ ପଞ୍ଚାୟତର ନିର୍ବାଚିତ ୱାର୍ଡସଭ୍ୟଙ୍କ ମଧ୍ୟରୁ ୧୪ଜଣ ଉପସ୍ଥିତ ରହିଥିଲେ। ସେଥିମଧ୍ୟରୁ ୱାର୍ଡସଭ୍ୟ ସସ୍ମିତା ନାୟକଙ୍କୁ ୮ଖଣ୍ଡ ଭୋଟ୍ ମିଳିଥିବା ବେଳେ ଦେବସ୍ମିତା ଗୋଛାୟତଙ୍କୁ ୬ଖଣ୍ଡ



ଚଷାଖଣ୍ଡ ପଞ୍ଚାୟତ ଅଫିସ୍ ସମ୍ମୁଖରେ ଧାରଣାରେ ବସିଥିବା ଲୋକେ।

ସହ ସରପଞ୍ଚ ଭୋଟ୍ ଦେଇଥିଲେ। ଜଣେ ୱାର୍ଡ଼ମେମ୍ବର ଅନୁପସ୍ଥିତ ଥିଲେ। ସସ୍ମିତାଙ୍କ ଦୁଇଟି ଭୋଟ୍‌କୁ ନାକଚ କରିବା ପାଇଁ ବିରୋଧୀ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଚାପ ପକାଇଥିଲେ। ଏଥିପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଦୀର୍ଘ ୪ଘଣ୍ଟା ଧରି ନିର୍ବାଚନ ଅଧିକାରୀଙ୍କୁ ଲୋକେ ଅଟକ ରଖିଥିଲେ। ଖବରପାଇ ରେମୁଣା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚେଷ୍ଟା କରିଥିଲେ। ପରେ ଉଭୟ ପକ୍ଷଙ୍କ ସହମତିରେ ସାନି ଭୋଟ୍ ଗଣତି ହୋଇଥିଲା। ସେଥିରେ ସସ୍ମିତା ବିଜୟ ଲାଭ କରିଥିବା ନିର୍ବାଚନ ଅଧିକାରୀ ବେହେରା ଘୋଷଣା କରିଥିଲେ। ପରେ ଲୋକେ ଅଟକ ନିର୍ବାଚନ ଅଧିକାରୀଙ୍କୁ ଛାଡ଼ିବା ସହ ଧାରଣାରୁ ଓହରିଥିଲେ।

# ନାଏବ ସରପଞ୍ଚ ନିର୍ବାଚନ ସ୍ଥଗିତ

**ଉଦଳା, ୧୧।୩ (ଡି.ଏନ.ଏ.)**

### ଦୁଇଗୋଷ୍ଠୀ ମୁହାଁମୁହିଁ

ମୟୂରଭଞ୍ଜ ଜିଲା ଉଦଳା ବ୍ଲକର ନୂଆଗାଁ ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ବେଳେ ଉତ୍ତେଜନା ଦେଖାଦେଇଥିଲା। ଦୁଇଗୋଷ୍ଠୀ ମୁହାଁମୁହିଁ ହେବା ଯୋଗୁ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ପ୍ରକାଶ ଯେ, ଏହି ପଞ୍ଚାୟତରେ ୧୧ଟି ୱାର୍ଡ ରହିଛି। ଏଠାରେ ଚନ୍ଦ୍ରମୋହନ ପରିଆଳ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ବେଳେ ସେ ୫ ୱାର୍ଡମେମ୍ବରଙ୍କୁ ଧରି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ତାଙ୍କ ବିପକ୍ଷରେ ରହିଥିବା ପ୍ରାର୍ଥୀ ଜିତିବା ପାଇଁ ୬ଜଣ ୱାର୍ଡମେମ୍ବରଙ୍କୁ ନିଜ ସମର୍ଥକ ଭାବେ ରଖିଥିଲେ। ନାଏବ ସରପଞ୍ଚ ନିର୍ବାଚନ ବେଳେ ସେମାନଙ୍କ ମଧ୍ୟରୁ ୩ ୱାର୍ଡମେମ୍ବର ଲମ୍ବୋଦର ନାଏକ, ଗୁଣ୍ଠୁରୀ ସିଂ ଏବଂ ରେବତୀ ହେମ୍ବ୍ରମଙ୍କୁ ଭୋଟ୍ ଦେବାକୁ ଅପରପକ୍ଷ ସୁଯୋଗ ଦେଇ ନ ଥିଲେ। ସେମାନଙ୍କୁ ଭୋଟ୍ ଗ୍ରହଣ କେନ୍ଦ୍ରରୁ ବାହାର କରି ଦିଆଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଥିଲା। ଦୀର୍ଘ ସମୟ ଧରି ଏଠାରେ ଉତ୍ତେଜନା ଲାଗି ରହିଥିଲା। ଉଦଳା ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ଶେଷରେ ନାଏବ ସରପଞ୍ଚ ନିର୍ବାଚନକୁ ବନ୍ଦ ରଖାଯାଇଥିଲା।

# ମହାନ୍ତିପଡ଼ାରେ ବନ୍ଦ ରହିଲା ନିର୍ବାଚନ

**ବନ୍ତ,୧୧।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ମହାନ୍ତିପଡ଼ା ପଞ୍ଚାୟତରେ ଶୁକ୍ରବାର ୱାର୍ଡସଭ୍ୟମାନେ ଅନୁପସ୍ଥିତ ରହିବାରୁ ନାଏବ ସରପଞ୍ଚ ନିର୍ବାଚନ ହୋଇପାରି ନ ଥିବା ବ୍ଲକ ଅଫିସ୍ ସୂତ୍ରରୁ ଜଣାଯାଇଛି। ପ୍ରକାଶ ଯେ, ଏହି ବ୍ଲକରେ ୨୫ ପଞ୍ଚାୟତ ମଧ୍ୟରୁ ୨୪ଟିରେ ନାଏବ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମାତ୍ର ମହାନ୍ତିପଡ଼ାରେ ଦୁଇଜଣ ୱାର୍ଡସଭ୍ୟ ଆସିଥିବା ବେଳେ ଅନ୍ୟମାନେ ଅନୁପସ୍ଥିତ ରହିଥିଲେ। ଫଳରେ ଏଠାରେ ନିର୍ବାଚନ ହୋଇପାରି ନ ଥିଲା। ୨୪ ପଞ୍ଚାୟତ ମଧ୍ୟରୁ ଟିଲୋରେ ସ୍ୱପ୍ନାରାଣୀ ଦାସ ବିନା ପ୍ରତିଦ୍ୱନ୍ଦ୍ୱିତା, ସେଣ୍ଟତୀରାରେ ରକ୍ମଣୀ ନନ୍ଦ ୭ ଖଣ୍ଡ ଓ ନିଳୋକରେ ନିଧିରାମ ଜେନା ୩ ଖଣ୍ଡ ଭୋଟ୍‌ରେ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି।

# ଦମକଳ କେନ୍ଦ୍ର ପ୍ରତିଷ୍ଠା ଦାବି ଜୋର ଧରିଲା

**ବୈଶିଙ୍ଗା,୧୧।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗାଠାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଛି। ଏନେଇ ଅଞ୍ଚଳବାସୀ ପ୍ରଶାସନ ତଥା ରାଜ୍ୟ ସରକାରଙ୍କଠାରେ ଦାବି କରି ଆସୁଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନାହାନ୍ତି। ଭୌଗଳିକ ଦୃଷ୍ଟିକୋଣରୁ ବେତନଟୀ ବ୍ଲକର ମୋଟ ୨୪ଟି ପଞ୍ଚାୟତର ମଧ ସ୍ଥଳରେ ବୈଶିଙ୍ଗା ଅବସ୍ଥିତ। ଏହାର ଆଖପାଖ ଅଞ୍ଚଳରେ ୧୭ଟି ପଞ୍ଚାୟତ ଥିଲେ ମଧ ଉପାନ୍ତ ଅଞ୍ଚଳ ବେତନଟୀଠାରେ ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଦମକଳ କେନ୍ଦ୍ର ସ୍ଥାପନ କରାଯାଇଛି। ମାତ୍ର ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବା ଦିଗରେ ଏହି ଦମକଳ କେନ୍ଦ୍ର ସକ୍ଷମ ହୋଇ ପାରୁନାହିଁ। ଅଁଳା, ହରିପୁର, ଚାଞ୍ଚିପଦା, ପୁରୁଣିଆ, ମଇଁଷାଶୋଳ ଓ ଟିକାୟତପୁର ଆଦି ଆଦିବାସୀ ବହୁଳ ବ୍ଲକର ସୀମାନ୍ତ ଅଞ୍ଚଳ ଗୁଡ଼ିକଠାରୁ ବେତନଟୀକୁ ଦୂରତ୍ୱ ୩୦ କି.ମି.। ଏହି କାରଣରୁ ଉପରୋକ୍ତ ସମସ୍ତ ଗାଁରେ ଦମକଳବାହିନୀ ପହଞ୍ଚିବାରେ ବହୁ ବିଳମ୍ବ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବୈଶିଙ୍ଗା ଥାନା ଅଧୀନରେ ୨୦ କି.ମି. ବିଶିଷ୍ଟ ୧୮ନଂ. ଜାତୀୟ ରାଜପଥ ଥିବା ବେଳେ ଦୈନନ୍ଦିନ କିଛି ନା କିଛି ଦୁର୍ଘଟଣା ଘଟୁଥିବାରୁ ଦମକଳ ବାହିନୀର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ବୈଶିଙ୍ଗାଠାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ସକାଶେ ବୈଶିଙ୍ଗା ବଜାର ବଣିକ ସଂଘ ସଭାପତି ସୁଦର୍ଶନ ମହାପାତ୍ର, ସମ୍ପାଦକ ସଦାଶିବ ପାଣି, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ସାମାଜିକ କର୍ମୀ ବିବେକାନନ୍ଦ ପଣ୍ଡା, ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା. ମନୋଜ କୁମାର ପଣ୍ଡା, ପୂର୍ବତନ ବ୍ଲକ ବିଜୁ ଜନତା ଦଳ ସଭାପତି ଅରବିନ୍ଦ ସାହୁ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ସଭାପତି ପ୍ରବୋଧ କୁମାର ପଣ୍ଡା ପ୍ରମୁଖ ସ୍ୱର ଉତ୍ତୋଳନ କରିଛନ୍ତି। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ୨୨ ନାଏବ ସରପଞ୍ଚ ନିର୍ବାଚିତ

**ସୋର,୧୧।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ୨୪ଟି ପଞ୍ଚାୟତ ମଧ୍ୟରୁ ୨୨ ନାଏବ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ତେବେ ପାଖର ଓ କେଦାରପୁର ପଞ୍ଚାୟତର କିଛି ୱାର୍ଡମେମ୍ବର ଅନୁପସ୍ଥିତ ରହିବାରୁ କୋରମ ଅଭାବରୁ ନାଏବ ସରପଞ୍ଚ ନିର୍ବାଚିତ ସ୍ଥଗିତ ରହିଛି। ନିର୍ବାଚିତ ନାଏବ ସରପଞ୍ଚମାନେ ହେଲେ ଅନନ୍ତପୁର- ଅଶୋକ କୁମାର ନାଏକ, ଆଟପୁର- ମୁକୁନ୍ଦ ଶିଅଳ, ବାଳଙ୍ଗ- କବିତା ବିଶ୍ୱାଳ, ଦହିସଡ଼ା- ମଞ୍ଜୁଲତା ଘଡ଼େଇ, ଗୁଡ଼-ପ୍ରଭାତ ବିଶ୍ୱାଳ, ଗୋପୀନାଥପୁର- ଉପେନ୍ଦ୍ର ଜେନା, ଜଡ଼ିଦା-ଜତିନ୍ଦ୍ର ନାଏକ, କେଶରୀପୁର ନମିତା ମଲ୍ଲିକ, ମାଣିପୁର -ରେବତୀ ବେହେରା, ମାଣତ୍ରୀ-ସୁଶ୍ରୀ ରାଜନନ୍ଦିନୀ ମଣ୍ଡଳ, ମୁଳିସିଂ- ବସନ୍ତ ବେହେରା, ମଧୁସୂଦନପୁର-ଗୋବିନ୍ଦ ପ୍ରସାଦ ଗୁରୁ, ମହୁମୁହାଣ- ଜୟନ୍ତୀ ନାୟକ, ନଟାପଡ଼ା-ଜିତେନ୍ଦ୍ର ସାହୁ, ନଦୀଗାଁ- ସୂର୍ଯ୍ୟକାନ୍ତ ମହାନ୍ତି, ନିଶ୍ଚିନ୍ତପୁର- ସସ୍ମିତା ଦଳେଇ, ସବିରା- ଅକ୍ଷୟ ବେହେରା, ଶରଶଙ୍ଖ- ରମଣୀ ଜେନା, ସାଜନପୁର- ମନୋରମା ସେଠୀ, ଶିଙ୍ଗାଖୁଣ୍ଟା କାମିନୀ ସେଠୀ, ତଳନଗର-ସୁବାସିନୀ ବେହେରା, ତେଣ୍ଟେଇ ମାଳତୀ ଦାସ।

# ଗଣ୍ଡଗୋଳ ଯୋଗୁ ନିର୍ବାଚନ ହେଲାନି

**ହାଟଡିହୀ,୧୧।୩(ଡ଼ି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ହାବଳେଶ୍ୱର ପଞ୍ଚାୟତରେ ଗଣ୍ଡଗୋଳ ଯୋଗୁ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ହୋଇ ପାରିନାହିଁ। ସରପଞ୍ଚ ରମାକାନ୍ତ ନାୟକଙ୍କ ସୂଚନା ଅନୁଯାୟୀ. ପଞ୍ଚାୟତର ମୋଟ ୧୭ଟି ୱାର୍ଡ ମଧ୍ୟରୁ ୧୬ଜଣ ୱାର୍ଡସଭ୍ୟ ନିର୍ବାଚିତ ହୋଇଛନ୍ତି। ଗୋଟିଏ ୱାର୍ଡରେ ସଂରକ୍ଷଣ ଦୃଷ୍ଟିରୁ ନିର୍ବାଚନ ହୋଇନି। ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ତେବେ ବିରୋଧୀଙ୍କ ପ୍ରରୋଚନାରେ ହଠାତ କେତେକ ମହିଳା ଧନୁ, ତୀର ଧରି ପଞ୍ଚାୟତ ପରିସରରେ ଭଙ୍ଗାରୁଜା କରିବା ସହ ପ୍ରିଜାଇଡିଂ ଅଧିକାରୀଙ୍କୁ ଅଟକ ରଖିଥିଲେ। ଖବରପାଇ ନନ୍ଦୀପଦା ଥାନା ଆଇଆଇସି ଉପସ୍ଥିତ ଥିଲେ ମଧ୍ୟ ଉତ୍ତେଜିତ ମହିଳାମାନେ ସରପଞ୍ଚଙ୍କୁ ଠେଲାପେଲା କରିଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ପରେ ଆନନ୍ଦପୁର ଡିଏସ୍‌ପି ଅନିଲ ବେଉରିଆ ପୋଲିସ ଫୋର୍ସ ସହ ପହଞ୍ଚି ଉତ୍ତ୍ୟକ୍ତ ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ୪ ଘଣ୍ଟା ଧରି ଅଟକଥିବା ପ୍ରିଜାଇଡିଂ ଅଫିସର ମୁକୁଳି ଥିଲେ।

# ଫାଇନାଲରେ ଇଲେଭେନ ଷ୍ଟାର

### ରାଜ୍ୟସ୍ତରୀୟ ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ

**ଭଣ୍ଡାରିପୋଖରୀ, ୧୧।୩ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ସ୍ଥିତ ଡାକ୍ତରଖାନା ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ମ୍ୟାଚ୍ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ କ୍ୱାର୍ଟର ମ୍ୟାଚ୍‌ରେ ଆର୍‌ସିସି ୟଙ୍ଗଷ୍ଟାର କଟକକୁ ହରାଇ ମର୍ନିଂଷ୍ଟାର ବାଲେଶ୍ୱର ସେମିରେ ପ୍ରବେଶ କରିଥିଲା। ମର୍ନିଂଷ୍ଟାର ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୯୧ ରନ୍ କରିଥିଲା। ଆର୍‌ସିସି ୟଙ୍ଗଷ୍ଟାର ୧୫ ଓଭରରେ ୬ ଉଇକେଟ ହରାଇ ୧୫୦ ରନ୍ କରିଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ରାଜୀବ ଲୋଚନ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

ଇଲେଭେନ ଷ୍ଟାର ଯାଜପୁର ଓ ମର୍ନିଂଷ୍ଟାର ବାଲେଶ୍ୱର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଇଲେଭେନ ଷ୍ଟାର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମର୍ନିଂଷ୍ଟାର ନିର୍ଦ୍ଧାରିତ



ମ୍ୟାନ ଅଫ୍ ଦି ମ୍ୟାଚ୍ ମାନବ ଭଟ୍ଟାଚାର୍ଯ୍ୟଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

୧୫ ଓଭରରେ ୮ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଇଲେଭେନ ଷ୍ଟାର ୧୪ ଓଭରରେ ୫ ଉଇକେଟ ହରାଇ ୧୩୫ ରନ୍ କରି ଜିତିଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବ ମାନବ ଭଟ୍ଟାଚାର୍ଯ୍ୟଙ୍କୁ ପୁରସ୍କୃତ କରାଯାଇଥିଲା।

# ପୌର ନିର୍ବାଚନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ

**କେନ୍ଦୁଝର, ୧୧।୩(ଡି.ଏନ୍.ଏ.)**

ପୌର ନିର୍ବାଚନ ୨୦୨୨ ପରିପ୍ରେକ୍ଷୀରେ କେନ୍ଦୁଝର ଜିଲାର ୪ଗୋଟି ପୌରାଞ୍ଚଳ ଓ ଗୋଟିଏ ଏନ୍‌ଏସି ପାଇଁ ଲକ୍ଷ୍ମୀକାନ୍ତ ବେହେରା ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଜିଲାର ୪ଗୋଟି ପୌରାଞ୍ଚଳ କେନ୍ଦୁଝରଗଡ଼, ଯୋଡା, ବଡ଼ବିଲ, ଆନନ୍ଦପୁର ଏବଂ ଗୋଟିଏ ଏନ୍‌ଏସି ଚମ୍ପୁଆରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ବେହେରା ଜିଲାର ଏହି ୪ଗୋଟି ପୌରାଞ୍ଚଳ ଓ ଗୋଟିଏ ଏନ୍‌ଏସି ଅଞ୍ଚଳ ଗସ୍ତ କରି ନିର୍ବାଚନ ପରିଚାଳନା, ଆଚରଣ ବିଧି, ମାର୍ଗଦର୍ଶିକାର ଅନୁପାଳନ ଉପରେ ନଜର ରଖିବା ସହିତ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରିବେ। ଏତଦ୍‌ବ୍ୟତୀତ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗର ସମାଧାନ ସହ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

# ନିଷେଧ ସତ୍ତ୍ୱେ ଭାରିଯାନ ଚଳାଚଳ

**କେନ୍ଦୁଝର, ୧୧।୩ (ସ୍ୱ.ପ୍ର.)**

କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ରୋକିବା ପାଇଁ ଜିଲା ପ୍ରଶାସନ ଦୃଢ ପଦକ୍ଷେପ ନେଇଛନ୍ତି। ସହର ଦେଇ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଇଛନ୍ତି। ଏଥିପାଇଁ ସହର ଦେଇ ଯାଇଥିବା ଏନ୍‌ଏଚ୍ ୨୦ ଓ ୪୯କୁ ସହର ବାହାରେ ରାସ୍ତା ନିର୍ମାଣ କରି (ବାଇପାସ) ଲାଇନ ଟ୍ରକ ତଥା ଲୁହାପଥର ବୋଝେଇ ଟ୍ରକ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି। ଏହାସତ୍ତ୍ୱେ କଟକଣା କୋହଳ ଯୋଗୁ ଅନେକ ସମୟରେ ସହର ଦେଇ ଗାଡ଼ି ଗୁଡ଼ିକ ଯାତାୟାତ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

# ମୟୂରଭଞ୍ଜରୁ ୩ ପ୍ରତିଯୋଗୀ

**ବାରିପଦା ଅଫିସ, ୧୧।୩**

### ରାଜ୍ୟସ୍ତରୀୟ କୁସ୍ତି ଚାମ୍ପିୟନଶିପ୍

କଟକ ବାରବାଟୀ କ୍ଲବ ହାଉସରେ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ କୁସ୍ତି ଚାମ୍ପିୟନଶିପ୍‌ର ୨୦ ବର୍ଷରୁ କମ୍ ଜୁନିୟର ବାଳକ ବିଭାଗରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜରୁ ୩ଜଣ ପ୍ରତିଯୋଗୀ ଶୁକ୍ରବାର କଟକ ଅଭିମୁଖେ ଯାତ୍ରା କରିଛନ୍ତି। ଶନିବାର ହେବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ କୋଚ୍ ଓ ମ୍ୟାନେଜର ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ପ୍ରତିଯୋଗୀ ମିହିର ରଞ୍ଜନ ବେହେରା, ଆୟୁଷ ଦଣ୍ଡପାଟ ଓ ଗୀତ ଗୌରବ ଚୌଧୁରୀ ଭାଗ ନେବେ।

ପ୍ରକାଶ ଥାଉକି, କୋଚ୍ ମାନସ ପୂର୍ବରୁ ଜୁନିୟର କୁସ୍ତିରେ ରୌପ୍ୟ ଏବଂ ମିହିର ବ୍ରୋଞ୍ଜ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଥିଲେ। ଏହି ଚାମ୍ପିୟନଶିପ୍‌ରେ ୩ କୁସ୍ତିଯୋଦ୍ଧା ବେଶ୍ ଭଲ ପ୍ରଦର୍ଶନ କରିବେ ବୋଲି ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଡିୟମ ସମ୍ପାଦକ ବୈଦ୍ୟନାଥ ରଥ, କ୍ରିକେଟ ସହସମ୍ପାଦକ ହରପ୍ରସାଦ ପାତ୍ର, ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ମିଡିଆ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। କୁସ୍ତି ସହସମ୍ପାଦକ ଗୌରୀ ଶଙ୍କର ସିହ୍ନା, ସହସମ୍ପାଦକ ଅମର କୁମାର ସେଠୀ ଓ ରବୀନ୍ଦ୍ର ମହାନ୍ତି କୁସ୍ତିଯୋଦ୍ଧାମାନଙ୍କ ସଫଳତା କାମନା କରିଛନ୍ତି।

# ନିର୍ଦ୍ୱନ୍ଦ୍ୱରେ ଜିତିଲେ ବିଜେଡିର ଶିଖା

**ବାରିପଦା ଅଫିସ,୧୧।୩**

### ନିର୍ବାଚନରୁ ଓହରିଲେ ଭାଜପା ପ୍ରାର୍ଥୀ

ବାରିପଦା ପୌର ପରିଷଦ ନିର୍ବାଚନ ପାଇଁ ଉଷ୍ମତା ବୃଦ୍ଧି ପାଉଥିବା ବେଳେ ୪ନଂ. ୱାର୍ଡରେ ବିଜେଡି କାଉନ୍‌ସିଲର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବାର ବାଟ ଫିଟିଛି। ଏହି ୱାର୍ଡରୁ ଭାଜପା ପ୍ରାର୍ଥୀ ମନୋରମା ପୃଷ୍ଟି ଶୁକ୍ରବାର ନିଜର ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିବା ବେଳେ ବିଜେଡି ପ୍ରାର୍ଥିନୀ ଶିଖା ସ୍ୱାଇଁ ଏକ ପ୍ରକାର ନିର୍ଦ୍ୱନ୍ଦ୍ୱରେ ବିଜୟ ହେବାର ସମ୍ଭାବନା ଦେଖାଦେଇଛି।

ଚଳିତ ପୌର ନିର୍ବାଚନରେ ବିଜେଡିରୁ ପୌରାଧ୍ୟକ୍ଷ ପ୍ରାର୍ଥୀ ହୋଇଥିବା କୃଷ୍ଣାନନ୍ଦ ମହାନ୍ତିଙ୍କ ଉକ୍ତ ୱାର୍ଡ ହୋଇଥିବା ବେଳେ ଏଥର ଏହା ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଥିଲା। ତେବେ ବିଜେଡିରୁ ଶିଖା ଏବଂ ଭାଜପାରୁ ମନୋରମା ନାମାଙ୍କନ ପତ୍ର ମାର୍ଚ୍ଚ ୭ ତାରିଖରେ ଦାଖଲ କରିଥିଲେ। ମନୋରାମା ପ୍ରାର୍ଥିପତ୍ର ପୌରପାଳିକା କାର୍ଯ୍ୟାଳୟରେ ପ୍ରତ୍ୟାହାର କରିଥିବା ନେଇ ପୌରପାଳିକା ନିର୍ବାଚନ ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ସୂଚନା ଥାଉକି, ଶିଖାଙ୍କ ସହିତ ନିର୍ବାଚନ ଲଢ଼ିବାକୁ ଭାଜପା ପକ୍ଷରୁ କେହି ପ୍ରାର୍ଥୀ ମିଳି ନ ଥିଲେ। ଶେଷ ମୁହୂର୍ତ୍ତରେ ୧୦ନଂ. ୱାର୍ଡରୁ ମନୋରମାଙ୍କୁ ଭାଜପା ପ୍ରାର୍ଥୀ ଘୋଷଣା କରି ଗୁପ୍ତ ଭାବେ ନାମାଙ୍କନ କରାଯାଇଥିଲା। ତେବେ ୩ ଦିନ ମଧ୍ୟରେ ତାଙ୍କ ପ୍ରଚାରରେ ୱାର୍ଡରୁ କେହି ସହଯୋଗୀ ନ ମିଳିବାରୁ ସେ ନିର୍ବାଚନରୁ ଓହରି ଯାଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏନେଇ ତାଙ୍କ ମତାମତ ଜାଣିବା ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇପାରିନାହିଁ।

# ଆନ୍ତଃବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

**ବାରିପଦା ଅଫିସ,୧୧।୩**

ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ରୀଡା ମହାକୁମ୍ଭ ପ୍ରତିଯୋଗିତା ଶୁକ୍ରବାର ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଛି। ବାରିପଦା ଛଉ ପଡିଆରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କୁଳପତି ପ୍ରଫେସର କିଶୋର କୁମାର ବସା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଯୋଗଦେଇ ରାଜ୍ୟରେ ପ୍ରଥମଥର ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ କ୍ରୀଡାକୁ ଯୋଡିବା ପାଇଁ ଏଭଳି ପ୍ରତିଯୋଗିତା କରାଯାଇଥିବା କହିଛନ୍ତି। ମୟୂରଭଞ୍ଜ ଭଳି ଏକ ଉପାନ୍ତ ଜିଲାରେ ଏହିଭଳି କ୍ରୀଡାର ଆୟୋଜନ କରିବାକୁ ରାଜ୍ୟ ସରକାର ସୁଯୋଗ ଦେଇଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥି, ପ୍ରଫେସର ଅନୀଲ କୁମାର ବିଶ୍ୱାଳ, ବିତ ନିୟନ୍ତ୍ରକ ଶୁକଦେବ ତରାଇ, କ୍ରୀଡା ପରିଷଦର ସମ୍ପାଦକ ଇନ୍ଦ୍ରଜିତ ନାୟକ, ପ୍ରଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ, ଆଥଲେଟିକ ଆସୋସିଏଶନର ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏନଏସଏସର ଛାତ୍ରୀଛାତ୍ରମାନେ ନୃତ୍ୟବାଦ୍ୟ ସହ ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରିଛନ୍ତି।

# ପାବନ କ୍ଷେତ୍ରରେ ସର୍ବଦଳୀୟ ସଭା

**ପଦ୍ମପୁର, ୧୧।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଏଡ଼ତାଳ ପାବନକ୍ଷେତ୍ରରେ ଶୁକ୍ରବାର ସର୍ବଦଳୀୟ ସଭା ଓ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ନାରାୟଣ ପଣ୍ଡା, ସତ୍ୟସାଇ ସଙ୍ଗଠନର ବିଷ୍ଣୁମୋହନ ନାୟକ, ପ୍ରଜାପିତା ବ୍ରହ୍ମାକୁମାରୀ ପ୍ରତିମା, ଠାକୁର ଅନୁକୂଳ ଚନ୍ଦ୍ର ସଙ୍ଗଠନର ରିତିକ ଚିନ୍ତାମଣି ବଳ, ନିଗମାନନ୍ଦ ସଙ୍ଗଠନର ବିଜୟ କୁମାର ପଣ୍ଡା, ଅଧ୍ୟାପକ ନାସିର ବକ୍ସ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ସନାତନ ଧର୍ମ, ଗୀତା, ବେଦ, ଉପନିଷଦ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଜଗନ୍ନାଥଙ୍କ ସଂସ୍କୃତି ପୃଥିବୀର ମହାନ ସଂସ୍କୃତି ଓ ସର୍ବଧର୍ମର ସମନ୍ୱୟ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ପଣ୍ଡିତ ଦୟାନିଧି ଦାସ ସଭା ସଞ୍ଚାଳନ ଓ ମନ୍ଦିର ପରିଚାଳନା କମିଟି ସମ୍ପାଦକ ପର୍ଶୁରାମ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ମନେ ପଡ଼ନ୍ତି
ସପ୍ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ମନୋରମା ନାୟକ
(ଶିକ୍ଷୟିତ୍ରୀ)
ରେମୁଁଆ, ତାଳଚେର
ଆବିର୍ଭାବ: ୧୧।୧୧।୧୯୬୬
ତିରୋଧାନ: ୨୭।୦୨।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୩୩୭୬

